## ୧୨ ଗାଡ଼ିରୁ ଜରିମାନା

ବାରିପଦା ଅଫିସ: ମୟୂରଭଞ୍ଜ ଜିଲା ବେତନଟୀ ପୋଲିସ ଏବଂ ଆରଟିଓ ପକ୍ଷରୁ ମିଳିତ ଯାଞ୍ଚ କରାଯାଇ ୧୨ଟି ଗାଡ଼ିରୁ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ କରାଯାଇଛି। ଥାନା ଆଇଆଇସି ତିଲୋତ୍ତମା ରାଉତ ସଦଳବଳେ ଉପସ୍ଥିତ ଥିବାବେଳେ ପରିବହନ ବିଭାଗ ପକ୍ଷରୁ ସହକାରୀ ଏମଭିଆଇ ରାମଚନ୍ଦ୍ର ଟୁଡୁ ଉପସ୍ଥିତ ଥିଲେ। ଏହି ଯାଞ୍ଚ ସମୟରେ କାଗଜପତ୍ରର ବୈଧତା ନ ଥିବା ମୋଟ ୧୨ଟି ଗାଡ଼ିରୁ ୧ଲକ୍ଷ ୩୮ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।



## ସଂକ୍ଷେପରେ

### ୨୦ରୁ ଧାନ କିଣା, ୨ ସମିତି ବାଦ୍ ପଡ଼ିଲା

ପଦ୍ମପୁର, ୧୫।୧୨(ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ଧାନବିକ୍ରି ନେଇ ଚାଷୀଙ୍କୁ ସଚେତନ କରିବା ଲାଗି ମଙ୍ଗଳବାର ସଚେତନତା ରଥ ବୁଲିଥିଲା। ନିୟନ୍ତ୍ରିତ ବଜାର କମିଟି ଭଦ୍ରକ ଦ୍ୱାରା ଏହି ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୦ ତାରିଖଠାରୁ ଧାନକିଣିବା ପାଇଁ ଧାର୍ଯ୍ୟ କରାଯାଇଛି। ବାସୁଦେବପୁର ବ୍ଲକରେ ୨୨ସେବା ସମବାୟ ସମିତି ଥିବା ବେଳେ ୨ଟି ସମିତି ଚଳିତ ବର୍ଷ ଧାନକିଣାରୁ ବାଦ୍ ପଡ଼ିଛି। ୭ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଧାନ କିଣିବା ପାଇଁ ଦାୟିତ୍ୱ ଦିଆଯାଇଛି। ବାଲିମେଦ ସେବା ସମବାୟ ସମିତିରୁ ବାଲିମେଦ ଓ ଆନ୍ଦୋଳା ପଞ୍ଚାୟତର ଚାଷୀମାନେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଧାନ ବିକ୍ରି କରିବେ ବୋଲି ସୂଚନା ମିଳିଛି। କିନ୍ତୁ ବିନାୟକପୁର ଓ ସୁରେଶ୍ୱରପୁର ସେବା ସମବାୟ ସମିତି ଧାନ କିଣାରୁ ବାଦ୍ ପଡ଼ିଛି। ଏନେଇ ଜିଲା ଯୋଗାଣ ବିଭାଗ ଏଆର୍‌ସିଏସ୍ ଓ ଜିଲାପାଳଙ୍କ ନିଷ୍ପତ୍ତିର ପୁନଃବିଚାର ପାଇଁ ଚାଷୀମାନେ ଲିଖିତ ଅଭିଯୋଗ କରିଛନ୍ତି।

### ମିଳୁନି ଗ୍ୟାସ୍ : ଲୋକେ ହଇରାଣ

କେନ୍ଦୁଝର, ୧୫।୧୨(ଡି.ଏନ୍.ଏ.): କେନ୍ଦୁଝର ଜିଲା ବେସାମରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ୍ ଗ୍ୟାସ୍ ଗୋଦାମ ପାଇଁ ସୁରକ୍ଷାଗତ କାରଣରୁ ନଭେମ୍ବର ୩୦ ତାରିଖରୁ ବନ୍ଦ ହୋଇଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ହଠାତ୍ ବନ୍ଦ ହେବାରୁ ଗ୍ୟାସ ବିତରଣରେ ବିଭ୍ରାଟ ହେବା ସହ ଉପଭୋକ୍ତାମାନେ ହଇରାଣ ହେଉଛନ୍ତି। ଜିଲା ବେସାମରିକ ଯୋଗାଣ ବିଭାଗ ଅଧୀନରେ ଥିବା ଉପଭୋକ୍ତାଙ୍କୁ ଏ ବିଷୟରେ ବହୁ ପୂର୍ବରୁ ଅବଗତ କରାଯାଇ ନ ଥିବାବେଳେ ଏବେ ଅନଲାଇନରେ ବୁକିଂ କଲେ ବୁକିଂ ହେଉଛି କିନ୍ତୁ ବୁକିଂ ପରେ ଆସୁଥିବା ନମ୍ବର ଆସୁନାହିଁ। ପୂର୍ବରୁ ଥିବା ଫୋନ ନମ୍ବରରେ ମଧ ଅସୁବିଧା ହେଉଛି। ଏଚ୍‌ପିସିଏଲ୍ କମ୍ପାନୀ ଉପଭୋକ୍ତାଙ୍କ ସୁବିଧା ପାଇଁ କୌଣସି ବ୍ୟବସ୍ଥା ନକରି ହଠାତ୍ ଅନ୍ୟ ଜଣେ ଡିଲରଙ୍କୁ ପରିବର୍ତ୍ତନ କରିଥିବାରୁ ଏପରି ଅସୁବିଧା ହେଉଥିବା କୁହାଯାଉଛି। ଗ୍ୟାସ ବିତରଣ କମ୍ପାନୀ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

### ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ ଗିରଫ

ଢେଙ୍କିକୋଟ, ୧୫।୧୨(ଡି.ଏନ.ଏ.): କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପିପିଳିଆ ପଞ୍ଚାୟତ ମଣ୍ଡିପଶି ଗ୍ରାମରେ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରି ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଲଦର ନାୟକ(୫୨)। ଅଭିଯୁକ୍ତ ଲଦର ଉକ୍ତ ଗ୍ରାମର ନରେନ୍ଦ୍ର ନାୟକ (୫୦) ଏବଂ ତାଙ୍କ ସ୍ତ୍ରୀଙ୍କୁ ଗତ ସୋମବାର ଲୁହା ରଡ଼ ସାହାଯ୍ୟରେ ମାଡ଼ ମାରି ନରେନ୍ଦ୍ରଙ୍କ ମୁଣ୍ଡ ପଠାଇବା ସଙ୍ଗେସଙ୍ଗେ ତାଙ୍କ ସ୍ତ୍ରୀଙ୍କୁ ମଧ ନିସ୍ତୁକ ମାଡ଼ମାରି ଗୁରୁତର କରି ଦେଇଥିଲେ। ଉଭୟ ଦମ୍ପତି ଏନେଇ ଢେଙ୍କିକୋଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡା ଉଭୟ ସ୍ୱାମୀ, ସ୍ତ୍ରୀଙ୍କୁ ଘଟଗାଁ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇବା ସହ ଘଟଗାଁ ଥାନାରେ ଏକ ମାମଲା(ନଂ-୧୬୦/୨୦) ରୁଜୁ କରି ମଙ୍ଗଳବାର ଅଭିଯୁକ୍ତ ଲଦର ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

### ପାଣିରେ ବୁଡ଼ି ଜୀବନ ଗଲା

ବାରିପଦା ଅଫିସ,୧୫।୧୨: ମୟୂରଭଞ୍ଜ ଜିଲା ବେତନଟୀ ଥାନା ବନ୍ଧସାହି ଗ୍ରାମର ଜନୈକ ବ୍ୟକ୍ତି ମଙ୍ଗଳବାର ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ପ୍ରିଥି ମୁର୍ମୁ। ଧାନକ୍ଷେତରେ ଜମିଥିବା ପାଣିରେ ପଡ଼ିଥିବା ତାଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ସକାଳ ୭ଟା ସମୟରେ ସେ ନିକଟସ୍ଥ ବାରମାଇଲ ହାଟକୁ ସଉଦାପତ୍ର ଆଣିବାକୁ ଘରୁ ବାହାରିଥିଲେ। ତେବେ ଘରୁ ଆସିବାର ପ୍ରାୟ ଦେଢ଼ଘଣ୍ଟା ପରେ ବନ୍ଧସାହି ନିକଟ ଏକ ଖାଲୁଆ ସ୍ଥାନରେ ମୁହଁମାଡ଼ି ପଡ଼ିଥିବା ନେଇ ରାସ୍ତାରେ ଯାଉଥିବା ଲୋକେ ଦେଖି ତାଙ୍କ ପରିବାରବର୍ଗଙ୍କୁ ଖବର ଦେଇଥିଲେ। କ୍ଷେତରେ ଅଳ୍ପ ପାଣି ଜମିଥିବାରୁ ଶୌଚ ହେବାକୁ ଯାଇ ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଥିବା ପରିବାରବର୍ଗ ଅନୁମାନ କରୁଛନ୍ତି। ଏନେଇ ବଡ଼ଜାମବଣି ଫାଣ୍ଡି ଅଧିକାରୀ ପବିତ୍ରମୋହନ ରାଉତ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୬/୨୦) ରୁଜୁ ହୋଇଛି।

# ‘ଅଣ୍ଟାରେ ବଳ ଥିବା ଯାଏ ଖଟିବି’

## ରୋଜଗାର କରି ଆତ୍ମସନ୍ତୋଷ ପାଉଛନ୍ତି ୮୦ବର୍ଷୀୟ ବ୍ୟକ୍ତି

ବାରିପଦା ଅଫିସ,୧୫।୧୨

ଅନ୍ୟକୁ ହାତ ପତାଇବି ନାହିଁ, ଅଣ୍ଟାରେ ବଳ ଥିବା ଯାଏ ଖଟିବି। ଏହି ଦୃଢ ମନୋବଳ ଓ ଇଚ୍ଛା ଶକ୍ତି ହିଁ ତାଙ୍କ ବାର୍ଦ୍ଧକ୍ୟ ଆଗରେ ହାର ମାନିଛି । ଦୀର୍ଘ ଦିନର ବୃତ୍ତିକୁ ଆପଣାଇ ୮୦ ବର୍ଷ ବୟସରେ ରୋଜଗାର କରିବା ସହ ଅନ୍ୟ ପାଇଁ ଉଦାହରଣ ପାଲଟିଛନ୍ତି ମୟୂରଭଞ୍ଜ ଜିଲା ବାରିପଦା ନିକଟସ୍ଥ ଅସ୍ତିଆ ଗ୍ରାମର ସର୍ବେଶ୍ୱର ବେହେରା ।

ଦୁଇ ପୁଅ ଓ ଝିଅଙ୍କୁ ନେଇ ସର୍ବେଶ୍ୱରଙ୍କ ସଂସାର। ନିଜସ୍ୱ ଖର୍ଚ୍ଚ ପାଇଁ ପୁଅ କିମ୍ବା ପଡ଼ୋଶୀଙ୍କଠାରେ ହାତ ପାତେଇବାକୁ ସେ ଇଚ୍ଛା ପ୍ରକାଶ କରନ୍ତି ନାହିଁ । ସକାଳୁ ଉଠି ଏକ ସାଇକେଲରେ କିଛି ମାଛ ଧରି ବଜାରକୁ ବାହାରି ପଡ଼ନ୍ତି । ବ୍ୟସ୍ତ ବହୁଳ ରାସ୍ତା ପାର୍ଶ୍ୱରେ ବସି ନିତିଦିନ ମାଛ ବିକ୍ରି କରିଥାନ୍ତି । ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ଧରି ମାଛ ବିକି


ରାସ୍ତା କଡ଼ରେ ବସି ମାଛ ବିକୁଥିବା ସର୍ବେଶ୍ୱର ବେହେରା।

ଆସୁଥିବାରୁ ଆଖପାଖ ଅଞ୍ଚଳରେ ସେ ବେଶ ପରିଚିତ ହୋଇପାରିଛନ୍ତି । ସରକାରୀ ଅଫିସରଙ୍କଠାରୁ ଆରମ୍ଭ କରି ପଥଚାରୀମାନେ ତାଙ୍କଠାରୁ ମାଛ କିଣିଥାନ୍ତି । କିଛି ତଟକା ମାଛ ବାରିପଦା ମାର୍କେଟରୁ କିଣି ଅଳ୍ପ ସମୟ ମଧ୍ୟରେ ବିକ୍ରି କରି ସେଥିରୁ ୪୦/୫୦ଟଙ୍କା ରୋଜଗାର କରିଥାନ୍ତି । ଏହି ରୋଜଗାର ତାଙ୍କୁ ଆତ୍ମସନ୍ତୋଷ ଦେଇଥାଏ ବୋଲି ସେ କୁହନ୍ତି। ଏହି ରୋଜଗାର ତାଙ୍କ ହାତଖର୍ଚ୍ଚରେ ସହାୟକ ହୁଏ । ତେବେ ୧୫ବର୍ଷ ବୟସରୁ ଅଦ୍ୟାବଧି ଏହି ବୃତ୍ତିକୁ ଆପଣାଇ ୫ପ୍ରାଣୀ କୁଟୁମ୍ବଙ୍କ ପେଟ ପୋଷି ଆସିଛନ୍ତି । ପୁଅମାନେ ବଡ଼ ହୋଇଗଲା ପରେ ପରିବାର ବୋଝ ଆଉ ତାଙ୍କ ଉପରେ ପଡୁନାହିଁ । ତେବେ ଘରେ ବସି ସମୟକୁ ଅତିବାହିତ ନ କରି ଦେହରେ ବଳ ଥିବା ଯାଏଁ ସେ ନିଜକୁ ନିୟୋଜିତ କରି ଅର୍ଥ ଉପାର୍ଜନ କରିବେ ବୋଲି ପ୍ରକାଶ କରିଛନ୍ତି । ଏହା ଦ୍ୱାରା ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଉଥିବା ବେଳେ ସମାଜ ପାଇଁ ଏକ ବାର୍ତ୍ତା ବାଣ୍ଟିଚାଲିଛନ୍ତି । ବାର୍ଦ୍ଧକ୍ୟ ଭତ୍ତା ସହିତ ସେ ରାସନ ସାମଗ୍ରୀ ପାଉଥିବା ବେଳେ ଅଦ୍ୟାବଧି ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିପାରି ନାହିଁ। ବାରମ୍ବାର ଅଭିଯୋଗ କଲେ ମଧ କେହି ତାଙ୍କ ଗୁହାରି ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି। ତୁରନ୍ତ ଆବାସ ଯୋଜନାରେ ତାଙ୍କୁ ଘର ଖଣ୍ଡିଏ ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ସୁବ୍ରତ ସଭାପତି, ସତ୍ୟପ୍ରକାଶ ସମ୍ପାଦକ


ସମ୍ମିଳନୀରେ ଏବିଭିପି କର୍ମକର୍ତ୍ତା।

## ଏବିଭିପିର ନଗର ସମ୍ମିଳନୀ

ବାଲେଶ୍ୱର ଅଫିସ, ୧୫।୧୨

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାଲେଶ୍ୱର ନଗର ତରଫରୁ ସ୍ଥାନୀୟ ରାଜସ୍ଥାନ ଭବନ ପରିସରରେ ମଙ୍ଗଳବାର ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ପୃଥ୍ୱୀରାଜ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ତଥା ଏବିଭିପିର ରାଜ୍ୟ ସହସମ୍ପାଦକ ଏବଂ ବିଭାଗ ସଂଯୋଜକ ଲକ୍ଷ୍ମୀ ନାରାୟଣ ନାୟକ ଯୋଗଦେଇ ଏବିଭିପିର ନୀତି ଆଦର୍ଶରେ କିଭଳି ଭାବେ ସମାଜରେ ପରିବର୍ତ୍ତନ ଆସିଛି ତଥା ଛାତ୍ରୀଛାତ୍ରଙ୍କ ହିତରେ ସଙ୍ଗଠନର କାର୍ଯ୍ୟପନ୍ଥା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡ଼ା ସଂଯୋଜକ ତଥା ଜିଲା ସଂଯୋଜକ ସାଇପ୍ରୀତମ ସେନାପତି ମଞ୍ଚାସୀନ ଥିଲେ। ରୋହିତ ପାଡ଼ୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଭାଗ ଏସ୍‌ଏଫ୍‌ଡି ପ୍ରମୁଖ ସବ୍ୟସାଚୀ ବେହେରା ମଞ୍ଚ ପରିଚାଳନା କରିଥିଲେ। ବାଲେଶ୍ୱର ନଗର ନୂତନ ସଭାପତି ରୂପେ ସୁବ୍ରତ କୁମାର ମହାପାତ୍ର ଓ ନୂତନ ସମ୍ପାଦକ ରୂପେ ସତ୍ୟ ପ୍ରକାଶ ମାଝିଙ୍କ ସହ ନୂତନ ନଗର ଶାଖା ଘୋଷଣା କରାଯାଇଥିଲା।

# ବିଭିନ୍ନ ଦାବି ନେଇ ବିଡିଓଙ୍କୁ ଭେଟିଲେ ଚାଷୀ


ବ୍ଲକ ସମ୍ମୁଖରେ ଚାଷୀ।

କେନ୍ଦୁଝର, ୧୫।୧୨ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସ୍ଥାନୀୟ ବିଭିନ୍ନ ଚାଷୀଙ୍କ ସମସ୍ୟାକୁ ନେଇ ୧୨ ଦଫା ଦାବୀପତ୍ର ସାହାରପଡା ବିଡିଓଙ୍କୁ ପ୍ରଦାନ କରାଯାଇଛି । ବିଭିନ୍ନ ଦାବି ମଧ୍ୟରେ ଧାନ ମଣ୍ଡିରେ କୁଇଣ୍ଟାଲ ପିଛା ୫ କିଲୋ ଧାନ କାଟ ବନ୍ଦ କରିବା, ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିବା ଚାଷୀଙ୍କ ନାମ ଫଳକରେ ଲେଖିବା, ଚାଷୀ ମାନଙ୍କୁ ଅଖାର ମୂଲ୍ୟ ଦେବାକୁ ଦାବି କରିଛନ୍ତି । ସେହିପରି ରାଶନ କାର୍ଡ ଭୟ ଦେଖାଇ ପଞ୍ଜୀକରଣ ନ କରିବାକୁ ପ୍ରବର୍ତ୍ତାଉଥିବା ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଭାଗଚାଷୀ ମାନଙ୍କୁ ମଣ୍ଡିରେ ଧାନ ବିକ୍ରି ଅନୁମତି ଦେବା, ହାତୀ, ବାରହା, ହରିଣ, ଷଣ୍ଢ/ବଳଦ ଆଦି ଦ୍ୱାରା କ୍ଷତିଗ୍ରସ୍ତ ଚାଷୀଙ୍କୁ ସୁରକ୍ଷା ଓ କ୍ଷତିପୂରଣ ଦେବା ସାର, ବିହନ, ଔଷଧ, ଏବଂ କୃଷି ଉପକରଣ ତଥା ଯନ୍ତ୍ରପାତି ଆଦି ଠିକ ସମୟରେ ପ୍ରଦାନ କରିବାକୁ କହିଛନ୍ତି। ସଂଗଠନର ବ୍ଲକ ସଂଯୋଜକ ବିରେନ୍ଦ୍ର ମହାନ୍ତ, କୃପାଚାର୍ଯ୍ୟ ମହାନ୍ତ, ଦେବାନନ୍ଦ ମହାନ୍ତ ସମେତ ବହୁ ଚାଷୀ ବ୍ଲକରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଆଉ ଏକ କପି ତହସିଲଦାର ଓ ଲ୍ୟାମ୍ପ ଅଧିକାରୀଙ୍କୁ ଦିଆଯାଇଛି।

## ୧୧୭ ଛାତ୍ରୀଛାତ୍ର ଦେଲେ ମେଧାବୃତ୍ତି ପରୀକ୍ଷା

ହାଟଡିହୀ,୧୫।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଗ୍ରାମୀଣ ମେଧା ବୃତ୍ତି ପରୀକ୍ଷା ୨୦୨୦ ଅନୁଷ୍ଠିତ ହୋଇଛି। ମୋଟ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧୨୩ ଥିଲା ବେଳେ ୧୧୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। କୋଭିଡ-୧୯ ନିୟମ ପାଳନ ପୂର୍ବକ ପରୀକ୍ଷା ପରିଚାଳିତ ହୋଇଥିଲା। ହାଟଡିହୀ ବ୍ଲକରେ ମୋଟ ୨ଟି ସେଣ୍ଟର ରେ ପରୀକ୍ଷା ହୋଇଥିଲା। ବରାହୀ ଉଚ୍ଚ ବିଦ୍ୟାଳୟ , ବଞ୍ଚୋ ଓ ହାଟଡିହୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା ହୋଇଥିଲା । ପରୀକ୍ଷା ପରିଚାଳକ ଭାବେ ପ୍ରଧାନ ଶିକ୍ଷକ ଶିଶିର କୁମାର କର , ଉପ ପରିଚାଳକ ଭାବେ ବରିଷ୍ଠ ଶିକ୍ଷକ ପରମାନନ୍ଦ ପରିଡା, ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନସୀ ସାହୁ , ଲୀଳାବତୀ ଯେନା ପ୍ରମୁଖ ଉପସ୍ଥିତ ଥିଲେ।

# ଉପକୋଷାଗାର କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

ବାସୁଦେବପୁର,୧୫।୧୨(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁରର ନୂତନ ଉପକୋଷାଗାର କାର୍ଯ୍ୟାଳୟ ଗୃହ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର, ଜିଲା କୋଷାଗାରାଧିକାରୀ ଅମିତାଭ ଆନନ୍ଦ ସ୍ୱାଇଁ, ବିଧାୟକଙ୍କ ପ୍ରତିନିଧି ଅସୀତ ଦାସ, ବିଡିଓ ପ୍ରଣବ କୁମାର ବେହେରା, ଉପକୋଷାଗାର ଅଧିକାରୀ ସରୋଜ କୁମାର ନାୟକ, ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ। ୮୬ ଲକ୍ଷ ଟଙ୍କା ବ୍ୟୟରେ ଏହି ଉପକୋଷାଗାର ଗୃହ ନିର୍ମାଣ କରାଯାଇଛି।

# ଆଲୋଚନା ପରେ ମନ୍ଦିର ଖୋଲିବା ନିଷ୍ପତ୍ତି

କେନ୍ଦୁଝର, ୧୫।୧୨(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଥିବା ବିଭିନ୍ନ ମନ୍ଦିରର ପରିଚାଳନା କମିଟି ଓ ପୂଜାପଣ୍ଡା,ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା ପରେ ମନ୍ଦିର ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ଜିଲାପାଳ ଆଶିଷ ଠାକରେ ସୂଚନା ଦେଇଛନ୍ତି। ମଙ୍ଗଳବାର ଜିଲାପାଳ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ, ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ କ୍ରମେ ଏହି ମନ୍ଦିରଗୁଡିକରେ ଭକ୍ତ ଓ ସର୍ବସାଧାରଣଙ୍କ ଦର୍ଶନ ପାଇଁ ବ୍ୟାପକ ଆଲୋଚନା ପରେ ଯାହା କିଛି ପଦକ୍ଷେପ ନିଆଯିବ। କରୋନା ଦ୍ୱିତୀୟ ଲହର ଆସିବାର ସମ୍ଭାବନା ଥିବାରୁ ତରବରିଆ ଭାବେ କୌଣସି ପଦକ୍ଷେପ ନିଆଯିବ ନାହିଁ। ଜିଲାରେ ପଜିଟିଭ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି । ଏହି ଧାରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଏବେବି ସତର୍କତା ବେଶ ଆବଶ୍ୟକ ବୋଲି ସେ କହିଛନ୍ତି। କରୋନା ପ୍ରଭାବରୁ ଜିଲା ଏବେ ଧୀରେ ଧୀରେ ମୁକ୍ତ ହେବାକୁ ଯାଉଛି । ଘଟଗାଁର ମା’ ତାରିଣୀଙ୍କ ମନ୍ଦିର ଓ ଶ୍ରୀ ବଳଦେବଜୀଉ ମନ୍ଦିରକୁ ସର୍ବାଧିକ ଭକ୍ତ ଆସୁଥିବାବେଳେ ଗତ କିଛି ଦିନ ତଳେ ମା’ ତାରିଣୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟଙ୍କ ସହ ଆଲୋଚନା କରାଯାଇ ଜାନୁୟାରୀ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଏହି ମନ୍ଦିର ନ ଖୋଲିବା ପାଇଁ ସେମାନେ ପ୍ରସ୍ତାବ ଦେଇଥିଲେ। ଏବେ ସାଂପ୍ରତିକ ପରିସ୍ଥିତିରେ ପୁଣି ମନ୍ଦିର ଖୋଲିବା ନେଇ ବୋର୍ଡ ସଦସ୍ୟଙ୍କ ସହ ଆଲୋଚନା କରାଯିବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟ ମନ୍ଦିର ସହ ସଂପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ମତାମତକୁ ନେଇ ମନ୍ଦିର ଖୋଲାଯିବ ବୋଲି ସେ କହିଛନ୍ତି। ସାନଘାଗରା, ବଡଘାଘରା, ଭୀମକୁଣ୍ଡ, ଖଣ୍ଡାଧାର, ଗୁଣ୍ଡିଚାଘାଗୀ ଆଦି ପର୍ଯ୍ୟଟନସ୍ଥଳୀକୁ ଏହି ସମୟରେ ବହୁ ପର୍ଯ୍ୟଟକ ଆସିବାର ସମ୍ଭାବନା ରହିଥାଏ। ବର୍ତ୍ତମାନ ପରିସ୍ଥିତିରେ ଏହି ପର୍ଯ୍ୟଟନ ସ୍ଥାନଗୁଡିକ ଖୋଲିବ ନାହିଁ ବୋଲି ଠାକ୍‌ରେ ପ୍ରକାଶ କରିଛନ୍ତି ।

## ମନୋଜ ଦାସଙ୍କ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା

ରୂପ୍‌ସା,୧୫।୧୨(ଡି.ଏନ.ଏ.)

ବାଲେଶ୍ୱରର ପ୍ରଖ୍ୟାତ ସାହିତ୍ୟିକ, ଯଶସ୍ୱୀ ଲେଖକ ତଥା ପଦ୍ମଭୂଷଣ ମନୋଜ ଦାସଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା କରାଯାଇଛି। ବସ୍ତା ବ୍ଲକ ଅଧୀନ ବେଣାପୁରା ‘ଜୀବନସାଥି’ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସୋମବାର ସ୍ଥାନୀୟ ବାସୁଳୀ ମନ୍ଦିରରେ ଦୀପ ପ୍ରଜ୍ୱଳନ ପୂର୍ବକ କର୍ମକର୍ତ୍ତାମାନେ ପୂଜାର୍ଚ୍ଚନା କରିଛନ୍ତି। ସାହିତ୍ୟିକ ମନୋଜ ଦାସ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ ୩ମାସ ହେବ ପୁଡୁଚେରୀର ଏକ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଅଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷବର୍ଦ୍ଧନ ତାଙ୍କୁ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପଠାଇଥିବାରୁ ସଙ୍ଗଠନ ସଭାପତି ସୁଶାନ୍ତ ସାହୁ, ସମ୍ପାଦକ ଅଧ୍ୟାପକ ଦୀପ୍ତିମାନ ପତି, ଗୋବର୍ଦ୍ଧନ ଜେନା, ଜ୍ଞାନ ଦାସ, ସନ୍ନ୍ୟାସୀ ପ୍ରଧାନ, ଅଶ୍ୱିନୀ ପଣ୍ଡା ଓ ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ମନ୍ଦିରରେ ପୂଜାର୍ଚ୍ଚନା ପୂର୍ବକ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ପଲିଥିନ ତଳେ ବିତୁଛି ଜୀବନ

ଚମ୍ପୁଆ, ୧୫।୧୨(ଡି.ଏନ.ଏ.)

ଦୀପ ତଳ ଅନ୍ଧାର ନୀତିରେ ଚାଲିଛି ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ୱାର୍ଡ ନଂ ୨ରେ। ନିଜ ପଟ୍ଟା ଜାଗା ଥାଇବି ପଲିଥିନ ତଳେ ଦୀର୍ଘ ୫ ବର୍ଷହେବ କାଳ କାଟୁଛନ୍ତି ଆଦିବାସୀ ଦମ୍ପତି। ୨ନଂ ୱାର୍ଡର ରହୁଥିବା ହଗୁରୁ ନାଏକ ଓ ପତ୍ନୀ ମଙ୍ଗୁଳି ନାଏକ ନିଜ ଜମିରେ ପଲିଥିନ କୁଡିଆ ଭିତରେ ଜୀବନ ବିତାଉଛନ୍ତି। ଲୋକଙ୍କ ଗୋରୁ ଚରେଇ ଦୁଇପ୍ରାଣୀ ପେଟ ପୋଷୁଥିବା ବେଳେ ଆଜି ପର୍ଯ୍ୟନ୍ତ ଆବାସ ଘରଟିଏ ତାଙ୍କ ପାଇଁ ସପନ ପାଲଟି ଯାଇଛି। ସକାଳ ହେଲେ ଦୁଇପ୍ରାଣୀ ଉକ୍ତ ପଲିଥିନ କୁଡିଆ ମଧ୍ୟରେ ବିପଜ୍ଜନକ ଅବସ୍ଥାରେ ଚୁଲି ଜାଳି ରୋଷେଇବାସ କରି ଗାଈ ଚରେଇବାକୁ ବାହାରିଯାଆନ୍ତି। ବେଳ ବୁଡୁ ବୁଡୁ ଘରକୁ ଫେରି ରାତି ପାଇଁ ପୁଣି ଉକ୍ତ କୁଡିଆ ମଧ୍ୟରେ ଚୁଲି ଜଳି ଉଠେ। ଅସହାୟତା ଆଜି ହଗୁରୁଙ୍କ ପରିବାରକୁ ପଛକୁ ଠେଲି ଦେଇଥିବା ବେଳେ ବିଜ୍ଞାପିତ ଅଞ୍ଚଳ ପରିଷଦର ନଜର ତାଙ୍କ ଉପରେ


ଆବାସରୁ ବଞ୍ଚିତ ହଗୁରୁ ଓ ମଙ୍ଗୁଳି ନାଏକ।

## ୫ବର୍ଷ ହେଲା ସହାୟତା ଅପେକ୍ଷାରେ

ପଡିପାରି ନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ବର୍ଷର ଖରା ଶିତ ମାସ ସବୁ ଏହି କୁଡିଆ ମଧ୍ୟରେ କାଟୁଥିବା ହଗୁରୁ ଅଧିକ ବର୍ଷା ହେଲେ ଅନ୍ୟର ପିଣ୍ଡାରେ ଆଶ୍ରୟ ନେଉଛନ୍ତି। ବିଭାଗର କୌଣସି ଅଧିକାରୀ ଆଜି ପର୍ଯ୍ୟନ୍ତ ତାଙ୍କ ପାଖରେ ପହଞ୍ଚି ନାହାନ୍ତି। ଏସମ୍ପର୍କରେ ନିର୍ବାହୀ ଅଧିକାରୀ ଗୌରହରି ମହାନ୍ତଙ୍କୁ ପଚାରିବାରୁ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କୁ ତାଙ୍କ ଘରକୁ ପଠାଇଥିବା କହିଛନ୍ତି। ମୁଁ ଏ ଖବର ଆପଣମାନଙ୍କ ଠାରୁ ଜାଣିବାକୁ ପାଇଲି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନିଆଯାଇ ସରକାରୀ ନିୟମ ଅନୁସାରେ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ରାସ୍ତା ମରଣଯନ୍ତା: ଆନ୍ଦୋଳନ ଚେତାବନୀ

ରୂପ୍‌ସା, ୧୫।୧୨(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ରସଲପୁର ପଞ୍ଚାୟତ ଅଧୀନ କୁଶୁଡ଼ିହା-ଟୁଲକଡ଼ିହା ରାସ୍ତା ଏବଂ କୁଶୁଡ଼ିହା-ହଳଦୀପାଳ ରାସ୍ତା ମରଣଯନ୍ତା ପାଲଟିଛି। ଏହି ୨ଟି ରାସ୍ତା ଉପରେ ପଞ୍ଚାୟତବାସୀ ନିର୍ଭରଶୀଳ। ହେଲେ ମରାମତି ଅଭାବରୁ ଏହି ରାସ୍ତାରେ ଯା’ଆସ କରିବା ଏକପ୍ରକାର ଠପ୍ ହୋଇଯାଇଛି। ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁ ଗ୍ରାମବାସୀ ଜରୁରୀ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ସରପଞ୍ଚ ସୁବେଶ ନାୟକ, ନାଏବ ସରପଞ୍ଚ ରଞ୍ଜିତା ପାଣି, ଯୁବନେତା ମାନସ ମହାପାତ୍ର, ଜଗଦାନନ୍ଦ ବେହେରା, ପ୍ରକାଶ ଗିରି, ଧନଞ୍ଜୟ ମହାନ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି। କୁଶଡ଼ିହା-ହଳଦୀପଦା ରାସ୍ତାରୁ ମେଟାଲ ଉଠି ଖାଲଖମାରେ ଭର୍ତ୍ତି ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏହି ରାସ୍ତା ନିର୍ମାଣାଧୀନ ଥିଲେ ହେଁ ଦୀର୍ଘବର୍ଷ ଧରି ଏହା ଅସମ୍ପୂର୍ଣ୍ଣ ହୋଇପଡ଼ିବା ଯୋଗୁ ନିୟମିତ ଦୁର୍ଘଟଣାରେ ଲୋକମାନେ ଆହତ ହେଉଛନ୍ତି। ସେହିଭଳି କୁଶଡ଼ିହା-ଟୁଲକଡ଼ିହା ଗାଁ ରାସ୍ତା ସବୁବେଳେ କାଦୁଅ ପଚପଚ। ବର୍ଷାଋତୁ ତ ଦୂରର କଥା ଖରାଦିନେ ମଧ ଏହି ରାସ୍ତା ଦେଇ ଯାତାୟତ କରିବା ସମ୍ଭବ ନୁହେଁ। ଜରୁରୀ ପରିସ୍ଥିତିରେ ଦମକଳ ଗାଡ଼ି, ଆମ୍ବୁଲାନ୍ସ ସେବାରୁ ଗାଁ ଲୋକେ ବଞ୍ଚିତ ହୋଇ ବହୁ ହଇରାଣ ହରକତ ହୁଅନ୍ତି। ତୁରନ୍ତ ରାସ୍ତାର ସ୍ଥାୟୀ ନିର୍ମାଣ ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।


କାଦୁଅ ପଚପଚ କୁଶଡ଼ିହା-ଟୁଲକଡ଼ିହା ରାସ୍ତା।

# ସମବାୟ ସମିତି ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ

## ଧାନକିଣାରେ ଖିଲାପ ଅଭିଯୋଗ

ବାଲେଶ୍ୱର ଅଫିସ, ୧୫।୧୨

ଧାନ କିଣାରେ ଖିଲାପ ଅଭିଯୋଗରେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଚଣ୍ଡିଘର ପ୍ରାଥମିକ କୃଷି ସମବାୟ ସମିତି ଲିମିଟେଡର ସମ୍ପାଦକଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ଗତ ଡିସେମ୍ବର ୨ତାରିଖରୁ ଧାନକ୍ରୟ ଆରମ୍ଭ କରିବା ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତେବେ ଚାଷୀମାନଙ୍କର ଟୋକନ ଥିଲେ ମଧ ଚଣ୍ଡିଘର କୃଷି ସମବାୟ ସମିତି ପକ୍ଷରୁ ଧାନକିଣା ହୋଇପାରି ନାହିଁ। ଡିସେମ୍ବର ୨, ୪, ୭, ୯ ଓ ୧୧ତାରିଖରେ ଧାନ ବିକ୍ରି ପାଇଁ ଯେଉଁ ଚାଷୀମାନଙ୍କୁ ଟୋକନ ମିଳିଥିଲା ସେମାନଙ୍କ ପାଖରୁ ଧାନକିଣା ହୋଇପାରିନାହିଁ। ଫଳରେ ୯୫ଚାଷୀ ନିର୍ଦ୍ଧାରିତ ଦିନରେ ସେମାନଙ୍କ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଜିଲା ଯୋଗାଣ ଅଧିକାରୀଙ୍କ ଦ୍ୱାରା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ରିପୋର୍ଟ ପ୍ରଦାନ କରାଯିବା ପରେ ଜିଲାପାଳ ଏ ସଂକ୍ରାନ୍ତରେ ସମିତିସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଡିଆରସିଏସ୍(ସମବାୟ ସମିତି ଉପନିବନ୍ଧକ) ବାଲେଶ୍ୱର ପିକେ ମହାନ୍ତି ଚଣ୍ଡିଘର ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ରବିନାରାୟଣ ବାରିକଙ୍କୁ ୨୪ଘଣ୍ଟା ମଧ୍ୟରେ କାରଣ ଦର୍ଶାଇବା ପାଇଁ ନୋଟିସ୍ ପ୍ରଦାନ କରିଛନ୍ତି। ନିର୍ଦ୍ଧାରିତ ସମୟରେ କାରଣ ନ ଦର୍ଶାଇଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

## ବାଲି ବୋଝେଇ ୨ ହାଇୱା ଜବତ

ଝୁମ୍ପୁରା (ଡି.ଏନ.ଏ.)-କେନ୍ଦୁଝର ଜିଲା ଝୁମ୍ପୁରା ତହସିଲ ଅନ୍ତର୍ଗତ ସୌରାତ ଉତ୍ସ ଗୁଡିକରୁ ଲଘୁ ଖଣିଜ (ବାଲି, ପଥର) ଚୋରା ଚାଲାଣ ବେଧଡ଼କ ଚାଲିଛି। କୌଣସି ସୂତ୍ରରୁ ଖବର ପାଇ ଝୁମ୍ପୁରା ପୋଲିସ ସୋମବାର ସନ୍ଧ୍ୟାରେ କଟଲପଶି ଗ୍ରାମ ନିକଟରୁ ୨ଟି ବାଲି ବୋଝେଇ ହାଇୱା ଜବତ କରିଛି। ହାଇୱା ଟ୍ରକ ଦ୍ୱୟ ଥାନାକୁ ଆଣାଯିବା ପରେ ତହସିଲ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯିବ। ହାଇୱା ଟ୍ରକ ଦ୍ୱୟରୁ ୪୦ହଜାର ଜରିମାନା ଆଦାୟ କରାଯିବ ବୋଲି ଝୁମ୍ପୁରା ତହସିଲଦାର ପ୍ରତିଭା ପୃଷ୍ଟି କହିଛନ୍ତି।



## ସଂକ୍ଷେପରେ

### ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ବିଫଳ

**ବାହାନଗା, ୧୫।୧୨(ଡି.ଏନ.ଏ.):** ସୋମବାର ବିଳମ୍ବିତ ରାତିରେ ବାହାନଗା ବ୍ଲକ ଗୋପାଳପୁର ବଜାରରେ ଥିବା ଏସ୍‌ବିଆଇ ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ବିଫଳ ହୋଇଛି। ଗୋପାଳପୁର ମେଡିକାଲ ରୋଡରେ ଥିବା ଷ୍ଟେଟବ୍ୟାଙ୍କ ଏଟିଏମ୍‌ରୁ ଲୁଟ୍ କରିବା ନିମନ୍ତେ କେହି ଦୁର୍ବୃତ୍ତ କାଉଣ୍ଟର ଭିତରେ ପଶି ପ୍ରଥମେ ସାଇରନ୍‌କୁ ଡିସ୍‌କନେକ୍ସନ କରିଦେବା ସହିତ ଶଟର ପାଖରେ ଥିବା ସିସି କ୍ୟାମେରାକୁ ତଳମୁହାଁ କରିଦେଇଛନ୍ତି। ପରେ ଭିତରେ ଏଟିଏମ୍ ମେଶିନ୍ ବସାଯାଇଥିବା ସ୍ଥାନକୁ ତଡାଯାଇଥିଲେ ମଧ ଦୁର୍ବୃତ୍ତମାନେ ଲୁଟ୍ କରି ନ ପାରି ବିଫଳ ହୋଇ ଫେରାର ହୋଇଯାଇଛନ୍ତି। ମଙ୍ଗଳବାର ସକାଳେ ଗୋପାଳପୁର ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ କରିଛନ୍ତି ହେଲେ କୌଣସି ଅଧିକାରୀ ପୋଲିସ୍‌ରେ ଅଭିଯୋଗ କରିନାହାନ୍ତି। ଏଟିଏମରୁ ଟଙ୍କା ଲୁଟ୍ ହୋଇଛି କି ନାହିଁ ଉପରିସ୍ଥ ଅଫିସରମାନେ ଆସିଲା ପରେ ସିସିଟିଭି ଫୁଟେଜ ଦେଖିବା ପରେ ଜଣାପଡିବ ବୋଲି ଗୋପାଳପୁର ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନ ପ୍ରକାଶ କରିଛନ୍ତି।

### ଶାଳକାଠ ଜବତ

**ବାଙ୍ଗିରିପୋଷି,୧୫।୧୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବନାଞ୍ଚଳ ଅଧୀନ ଶୀର୍ଷା ବିଟର ପୋକପୋକା ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲରେ କଟା ହୋଇପଡ଼ିଥିବା କାଠଗଣ୍ଡିକୁ ବନବିଭାଗ ଜବତ କରିଛି। ଜବତ କାଠର ମୂଲ୍ୟ ୧୫ ହଜାର ଟଙ୍କା ହେବ ବୋଲି ବନ ବିଭାଗ କହିଛି। ବାଙ୍ଗିରିପୋଷି ବନାଞ୍ଚଳ ଅଧିକାରୀ ଅଜୟ୍ କୁମାର ଦାସଙ୍କ ନେତୃତ୍ୱରେ ଝାରପୋଖରିଆ ପୋଲିସ ସହଯୋଗରେ ଏହି କାଠ ଜବତ କରାଯାଇଥିଲା।

### ବିଜେଡିର କର୍ମୀ ସମ୍ମିଳନୀ

**ବଡ଼ବିଲ, ୧୫।୧୨(ସ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ନଗର ବିଜେଡି ପକ୍ଷରୁ ମଙ୍ଗଳବାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେଡି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କର୍ମୀ ସମ୍ମିଳନୀକୁ କେନ୍ଦୁଝର ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର ପୌରୋହିତ୍ୟ କରିଥିବା ବେଳେ, ଚମ୍ପୁଆ ବିଧାୟକ ମୀନାକ୍ଷୀ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ ବିଜେଡିକୁ ତୃଣମୂଳ ସ୍ତରରୁ ଆହୁରି ମଜଭୁତ୍ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ଅସନ୍ତୁଷ୍ଟ ବିଜେଡି ନେତା କୁଶ ଆପଟ୍ଟ, ବିଜୟ ମହାନ୍ତିଙ୍କ ସମେତ ହାତବାନ୍ଧି ବସିଥିବା ଅନେକ ବିଜେଡି କର୍ମୀ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ଯୁବ ନେତା, ଲାଲଟୁ ମହାନ୍ତ, ଲଛମନ ମହାନ୍ତ, ପ୍ରଭୁଦତ୍ତ ପ୍ରଧାନଙ୍କ ସମେତ ବଡ଼ବିଲ ପୌରାଞ୍ଚଳର ଶତାଧିକ ବିଜେଡି କର୍ମୀଗଣ ଉପସ୍ଥିତ ରହିଥିଲେ।

### ମହିଳାଙ୍କ ମୃତଦେହ ଜବତ

**ବାଲେଶ୍ୱର ଅଫିସ,୧୫।୧୨:** ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ଅଧୀନ ଶ୍ରୀକୃଷ୍ଣପୁର ଗାଁରେ ଜଣେ ମହିଳାଙ୍କର ମୃତଦେହ ଗଛରୁ ଝୁଲନ୍ତା ଅବସ୍ଥାରେ ମଙ୍ଗଳବାର ଜବତ କରାଯାଇଛି। ଶ୍ରୀକୃଷ୍ଣପୁର ଆଦିବାସୀସାହି ଅଞ୍ଚଳର ଶିବାନୀ ସିଂ(୩୬)ଙ୍କ ପ୍ରଥମ ସ୍ୱାମୀ ମରିଗଲା ପରେ ସେ ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ୫ ଝିଅ ଓ ଗୋଟିଏ ପୁଅ। ସୋମବାର ସ୍ତ୍ରୀ ଓ ସ୍ୱାମୀଙ୍କ ମଧରେ ଗଣ୍ଡଗୋଳ ହୋଇ ମାରପିଟ୍ ହୋଇଥିଲା। ମାଡ଼ରେ ଶିବାନୀଙ୍କ ମୃତ୍ୟୁ ହୋଇଯିବାରୁ ତାଙ୍କ ସ୍ୱାମୀ ଗଛରେ ଟାଙ୍ଗି ଦେଇଥିବା ନେଇ ତାଙ୍କ ମଝିଆ ଝିଅ ପୋଲିସ ଆଗରେ କହିବା ସହ ଲିଖିତ ଅଭିଯୋଗ ଦେଇଛନ୍ତି। ଏନେଇ ଶିଳ୍ପାଞ୍ଚଳ ଥାନାରେ ଏକ ମାମଲା(ନଂ. ୧୬୮/୨୦) ରୁଜୁ କରାଯାଇ ସ୍ୱାମୀଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଛି। ଘଟଣାସ୍ଥଳରେ ଶିଳ୍ପାଞ୍ଚଳ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ମୃତଦେହକୁ ଗଛରୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଦୁର୍ଘଟଣାରେ ସ୍କୁଟିଚାଳକ ମୃତ

**ରାଇରଙ୍ଗପୁର,୧୫।୧୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ହାଟବାଦଡ଼ା ନିକଟସ୍ଥ ୨୨୦ନଂ. ଜାତୀୟ ରାଜପଥର କାରଗିଲ୍ ଛକଠାରେ ମଙ୍ଗଳବାର ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡିଙ୍ଗୁଡ଼ିପୋଖାରୀ ଗ୍ରାମର ଗୋପୀନାଥ ମହାନ୍ତ। ଅପରାହ୍ନ ୫ଟାରେ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେବାରୁ ସେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ରାଇରଙ୍ଗପୁର ମେଡ଼ିକାଲକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବନବାସୀଙ୍କ ଖାଦ୍ୟ କାଇ, କୁରୁକୁଟି

**କେନ୍ଦୁଝର, ୧୫।୧୨ (ସ୍ୱ.ପ୍ର)**



କୁରୁକୁଟି ବିକ୍ରି କରୁଥିବା ବନବାସୀ ଗ୍ରାହକଙ୍କ ଅପେକ୍ଷାରେ।

ବିଚିତ୍ର ଏ ଦୁନିଆ। ବଣଜଙ୍ଗଲ ସମସ୍ତଙ୍କ ପାଇଁ ଭରି ଦେଇଛି ଖାଦ୍ୟ। ବନବାସୀ ମାନେ ଜଙ୍ଗଲରୁ ସଂଗୃହୀତ ଫଳମୂଳ ଖାଇବା ସହିତ କେତେକ କୀଟପତଙ୍ଗ ଖାଇବାକୁ ପସନ୍ଦ କରନ୍ତି। ତନ୍ମଧ୍ୟରୁ କଲେଇ, କାଇ ବା କୁରୁକୁଟି ଅନ୍ୟତମ। ବର୍ଷା ଋତୁରେ କଲେଇ ପୋକ ମିଳିଥାଏ। କିନ୍ତୁ ଏହି ଋତୁରେ ପର୍ଯ୍ୟାପ୍ତ ପରିମାଣରେ କୁରୁକୁଟି ମିଳିଥାଏ। ବଣଜଙ୍ଗଲରେ ଓ ଗ୍ରାମାଞ୍ଚଳରେ ଏହାର ଚାହିଦା ଅଧିକ ଥିଲେ ହେଁ ସହରାଞ୍ଚଳରେ ମଧ୍ୟ ଏହାର ଚାହିଦା ଅଧିକ ରହିଛି। ଆଜିକାଲି ସହରାଞ୍ଚଳରେ ଏହା ବହୁ ପରିମାଣରେ ହାଟବଜାର, ରାସ୍ତାକଡରେ ବସବାସୀ ମାନେ ଶାଳ ପତରରେ ପସରା ମେଲାଇ ବିକିଥାନ୍ତି। ଭାଗ ୧୦ ଟଙ୍କାରେ ବିକି ଅନେକ ପରିବାର ଗୁରୁଜୁରାଣ ମେଣ୍ଟାଇଥାନ୍ତି। କୁରୁକୁଟିର ସ୍ୱାଦ ଆମ୍ବିଳିଆ। ପଖାଳ ଭାତ ବା ହାଣ୍ଡିଆ ସହିତ ଖାଇଥାଉ ବୋଲି ସନାତନ ମୁଣ୍ଡା କହିଛନ୍ତି। ଏଥିରେ ଔଷଧୀୟ ଗୁଣ ରହିଛି। ଏଣୁ ବନବାସୀ ମାନେ ଏହାକୁ ପାଟି ସୁଆଦିଆ ପାଇଁ ଖାଇବା ସହ କେତେକ ରୋଗ ନିରାକରଣ ପାଇଁ ଖାଇଥାନ୍ତି ବୋଲି ବୈଦ୍ୟ ବିଷାରଦ ହରେକୃଷ୍ଣ ମହାନ୍ତ କୁହନ୍ତି। ଏହି ସମୟରେ କୁରୁକୁଟି ବିଭିନ୍ନ ଗଛ ଡାଳରେ ବସା ବାନ୍ଧିଥାନ୍ତି। ଗଛ ଡାଳରେ ପତ୍ରକୁ ବାନ୍ଧି ଠୋଲା ଆକରର ତିଆରି କରି ଏହା ଭିତରେ ଅଣ୍ଡା ଦେଇଥାନ୍ତି। ଲକ୍ଷ ଲକ୍ଷ ସଂଖ୍ୟାରେ ଧଳା ଧଳା ଅଣ୍ଡା ଦେଇଥାନ୍ତି ଯାହାକି ଭାତ ସଦୃଶ୍ୟ ଦେଖାଯାଇଥାଏ। ଏହି ବସାକୁ ସାବଧାନତାର ସହ ତଳକୁ ଆଣିଥାନ୍ତି। ତେବେ ନିଜର ସୁରକ୍ଷା ପାଇଁ କୁରୁକୁଟି ମାନେ କାମୁଡିଥାନ୍ତି। ଏହି ଅଣ୍ଡାକୁ ସ୍ଥାନୀୟ ଲୋକ ଭାତ ବୋଲି କହିଥାନ୍ତି। ଏହାକୁ ସେମାନେ ରାନ୍ଧି ଖାଇଥାନ୍ତି। ସେହିପରି କୁରୁକୁଟିକୁ ମଧ ଅନେକ ଆଚାର କରି ଭବିଷ୍ୟତ ପାଇଁ ସାଇତି ରଖି ଖାଇଥାନ୍ତି।

# ମନ୍ତ୍ରୀ ବାଣ୍ଟିଲେ ଟ୍ରାଇସାଇକେଲ



ମନ୍ତ୍ରୀଙ୍କ ଦ୍ୱାରା ଟ୍ରାଇସାଇକେଲ ପ୍ରଦାନ କରାଯାଉଛି।

**ଭଦ୍ରକ ଅଫିସ, ୧୫।୧୨**

ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମଙ୍ଗଳବାର ଭଦ୍ରକ ଗସ୍ତରେ ଆସି ସରକାରଙ୍କ ପ୍ରଦତ୍ତ ବିଭିନ୍ନ ଯୋଜନାର ସମୀକ୍ଷା କରି ଫେରିଛନ୍ତି। ଚରମ୍ପା ସ୍ଥିତ ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସିଆର୍‌ଏସ୍‌ଆର୍) ପରିଦର୍ଶନ କରି କେନ୍ଦ୍ରରେ ଥିବା ସ୍ୱଳ୍ପ ଦୃଷ୍ଟିବାଧିତ ପରୀକ୍ଷା ବିଭାଗ, ଫିଜିଓଥେରାପି, ଆକ୍ୟୁପେସନାଲଥେରାପି, କୃତ୍ରିମ ଅଙ୍ଗ ବିଭାଗ (ପିଏଣ୍ଡ ଓ), ଶ୍ରବଣ ଓ ବାକ୍‌ଶକ୍ତି ପରୀକ୍ଷା ବିଭାଗ ପରିଦର୍ଶନ କରିଥିଲେ। ଏହା ସହିତ ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ଅନ୍ତେବାସୀ ପିଲାମାନଙ୍କୁ ଫଳ ବଣ୍ଟନ କରିଥିଲେ। ପରିଶେଷରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଟ୍ରାଇସାଇକେଲ, ଘୂର୍ଣ୍ଣନଚୌକି, ଶ୍ରବଣଯନ୍ତ୍ର, କୃତ୍ରିମ ଅଙ୍ଗ, ଆଶାବାଡ଼ି, ସିପି ଚେୟାର, ସ୍ମାର୍ଟଫୋନ ଇତ୍ୟାଦି ବଣ୍ଟନ କରିଥିଲେ। ପରିଦର୍ଶନ ସମୟରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନୁପମା ଘୋଷ ଉପସ୍ଥିତ ଥିଲେ। ସିଆର୍‌ଏସ୍‌ଆର୍ ସଙ୍ଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଭଗବାନ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚୁକ୍ତି ପାଇଁ ଅଟକିଛି ଯୋଡ଼ା ଫ୍ଲାଏଓଭର କାମ

**ଯୋଡା, ୧୫।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଖଣିବହୁଳ ଯୋଡା ସହରରେ ଗତ ନଭେମ୍ବର ୧୨ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏକ ଫ୍ଲାଏଓଭର ନିର୍ମାଣର ଶୁଭାରମ୍ଭ କରାଯାଇଥିଲା। ପ୍ରାୟ ୨୦୬.୦୨ କୋଟି ଟଙ୍କା ବ୍ୟୟ ଅଟକଳରେ ୪.୮୭୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଫ୍ଲାଏଓଭର ଯୋଡା ସହର ଡିଏଭି ସ୍କୁଲ ନିକଟରୁ ଯୋଡା ସରକାରୀ ଡାକ୍ତରଖାନା ପର୍ଯ୍ୟନ୍ତ ନିର୍ମାଣ ହେବ। ହେଲେ ଏବେ ଏହି ଫ୍ଲାଏଓଭର ନିର୍ମାଣ ଅନିଶ୍ଚିତତା ଘେରରେ ରହିଛି। ଏହା କେବେ ଆରମ୍ଭ ହେବ ଏବଂ କେବେ ସମ୍ପୂର୍ଣ୍ଣ ହେବ ଏନେଇ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସମ୍ପର୍କରେ ସବିଶେଷ ତଥ୍ୟରୁ ଜଣାପଡିଛି ଯେ, ଓଡିଶା ବ୍ରିଜ୍ କନଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡ(ଓବିସିସିଏଲ) ପକ୍ଷରୁ ଏହାର ନିର୍ମାଣ ପାଇଁ ଟେଣ୍ଡର କରାଯାଇଥିଲା, ଏହି ଟେଣ୍ଡରରେ ଗୁଜୁରାଟର ଏକ କମ୍ପାନି କାମ ହାତେଇଛି। ହେଲେ ଟେଣ୍ଡରରେ କାର୍ଯ୍ୟ ହାତେଇଥିବା ଠିକା ସଂସ୍ଥା ସହିତ ଓବିସିସିଏଲର ନିର୍ମାଣ ଚୁକ୍ତି ଏଯାଏ ହୋଇନାହିଁ। ତେଣେ ଯୋଡାର ପିଡବ୍ଲୁଡି ଡାକ ବଙ୍ଗଳାରେ ଅସ୍ଥାୟୀ ଭାବେ ଓବିସିସିଏଲ ପକ୍ଷରୁ ଏକ କାର୍ଯ୍ୟାଳୟ କରାଯାଇ ଜଣେ କନିଷ୍ଠ ଯନ୍ତ୍ରୀ ଓ ଜଣେ କର୍ମଚାରୀ ଅବସ୍ଥାପିତ ଅଛନ୍ତି। କନିଷ୍ଠ ଯନ୍ତ୍ରୀ ଧନେଶ୍ୱର ମାଝୀଙ୍କୁ ପଚାରିବାରୁ ଫ୍ଲାଏଓଭରଟି ୧୨ ମିଟର ଚଉଡା ବିଶିଷ୍ଟ ହେବ, ଏହା ସହିତ ଫ୍ଲାଏଓଭର ତଳେ ଦୁଇଟି ସର୍ଭିସ୍ ରୋଡ ଉଭୟ ପାର୍ଶ୍ୱରେ ୫.୫ ମିଟର ଚଉଡ଼ାରେ ଦୁଇ ଗୋଟି ରାସ୍ତା ନିର୍ମାଣ ହେବ। ସର୍ଭିସ୍ ରୋଡର ଦୁଇ ପାର୍ଶ୍ୱରେ ୫.୫ ମିଟର ପରେ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ହେବ। ରାସ୍ତା ପ୍ରଶସ୍ତିକରଣ ପାଇଁ ଏବଂ ଆବଶ୍ୟକ ଜମିର ଅଧିଗ୍ରହଣ ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ। ଏଥି ସହିତ ରାସ୍ତା କଡରେ ଥିବା ଟେଲିଫୋନ୍ ଖୁଣ୍ଟି, ଇଲେକ୍ଟ୍ରିକ୍ ଖୁଣ୍ଟି, ରାସ୍ତା କଡର ଗଛ ପ୍ରଭୃତିକୁ ହଟାଇବା ପାଇଁ ଓବିସିସିଏଲ ପକ୍ଷରୁ ନେସ୍କୋ, ଓପିଟିସିଏଲ, ବିଏସ୍‌ଏନଏଲ, ବନ ବିଭାଗ, ଯୋଡା ପୌରପାଳିକାକୁ ଚିଠି ଦିଆଯାଇଛି ବୋଲି ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ କହିଛନ୍ତି। ତେବେ ଏହି ଫ୍ଲାଏଓଭର ନିର୍ମାଣ ସମୟରେ ଏକ ଶିଳ୍ପ ପ୍ରତିଷ୍ଠାନ ଦ୍ୱାରା ମାଟି ତଳେ ଯାଇଥିବା କାରଖାନାର ସ୍ଲୋରି ପାଇପ୍ ଲାଇନ୍ ନିର୍ମାଣରେ ବ୍ୟାଘାତ ସୃଷ୍ଟି କରିବ ବୋଲି ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର ପ୍ରକାଶ କରିଛନ୍ତି। ଓବିସିସିଏଲ୍ ଠାରୁ କାର୍ଯ୍ୟ ପାଇଥିବା ଗୁଜରାଟର ଏକ ଠିକା ସଂସ୍ଥାର ଚୁକ୍ତି ସ୍ୱାକ୍ଷରିତ ହେବା ପରେ କାର୍ଯ୍ୟ ଆରମ୍ଭ ଓ ସମ୍ପୂର୍ଣ୍ଣ ସମୟର ସୀମା ନିର୍ଦ୍ଧାରଣ ହେବ ବୋଲି ଓବିସିସିଏଲ୍‌ର ଅସ୍ଥାୟୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ବାହାରୁ ତାଲା ପକାଇ ନିଆଁ ଲଗାଇଦେଲେ

**ରସାଲପୁର, ୧୫।୧୨(ଡି.ଏନ.ଏ.)**

ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ପଳାଶପୁର ଗ୍ରାମରେ ଜଣେ ମହିଳାଙ୍କ ଘରେ କେହି ଦୁର୍ବୃତ୍ତ ମଙ୍ଗଳବାର ବାହାର ପଟୁ ତାଲା ପକାଇ ନିଆଁ ଲଗାଇଦେଇଥିଲେ। ଘର ଭିତରେ ମହିଳା ଡାଳିମ୍ବ ବିନ୍ଧାଣୀ ଓ ତାଙ୍କ ୬ବର୍ଷର ଝିଅ ଥିଲେ। ନିଆଁ ଜଳିବା ଦେଖି ସେ ଚିତ୍କାର କରିଥିଲେ। ମହିଳାଙ୍କ ଡାକ ଶୁଣି ରାସ୍ତାରେ ଯାଉଥିବା ଜଣେ ମହିଳା ମା' ଓ ଝିଅଙ୍କୁ ଉଦ୍ଧାର କରିଥିଲେ। ଦମକଳବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ତେବେ ଦୁର୍ବୃତ୍ତଙ୍କର ଏଭଳି କାର୍ଯ୍ୟକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

**ସଜନାଗଡ଼, ୧୫।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ପୋଲିସ ବିନୁ ପାତ୍ର ନାମକ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ନାବାଳିକାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୪୧୦/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିନୁ ସୋମବାର ରାତି ପ୍ରାୟ ୨ଟାବେଳେ ଉକ୍ତ ନାବାଳିକାଙ୍କ ଘରେ ପଶିଥିଲେ। ନାବାଳିକାଙ୍କୁ ଏକୁଟିଆ ଦେଖି ସେ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକାଜଣକ ଚିତ୍କାର କରିବାରୁ ଅନ୍ୟ ଘରେ ଶୋଇଥିବା ତାଙ୍କ ପରିବାର ଲୋକେ ଉଠି ପଡିଥିଲେ। ଯୁବକଜଣକ ସେଠାରୁ ଖସିଯିବା ପାଇଁ ଉଦ୍ୟମ କରୁଥିବାବେଳେ ପରିବାର ଲୋକେ ଗୋଡ଼ାଇ ଏକ ବିଲରେ ତାଙ୍କୁ କାବୁ କରିଥିଲେ। ଏନେଇ ସେମାନେ ଈଶ୍ୱରପୁର ଫାଣ୍ଡିକୁ ଖବର ଦେଇଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ଅଗୁରୁଚରଣ ଦାସ ପହଞ୍ଚି ବିନୁଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଅନ୍ୟପକ୍ଷରେ ବିନୁ ପାତ୍ରଙ୍କ ନାମରେ ନୀଳଗିରି ଥାନାରେ ପୂର୍ବରୁ ୩ଟି ମାମଲା ରହିଛି। ବିନୁ ଗତ ଜାନୁୟାରୀ ୧୭ତାରିଖରେ ପଞ୍ଚୁଲିଙ୍ଗେଶ୍ୱର ଶୈବପୀଠରେ ପର୍ଯ୍ୟଟକଙ୍କ ନିକଟରୁ ଟଙ୍କା ଓ ମୋବାଇଲ ଲୁଟ୍ ଘଟଣାରେ ମାମଲା (ନଂ. ୨୪/୨୦) ରୁଜୁ ହୋଇଥିଲା। ସେପ୍ଟେମ୍ବର ୨୯ ତାରିଖରେ ପର୍ଯ୍ୟଟକଙ୍କୁ ମାରଣାସ୍ତ୍ର ଦେଖାଇ ୧୮, ୨୦୦ ଟଙ୍କା ଲୁଟ୍ ଘଟଣାରେ ମାମଲା (ନଂ.୩୩୫/୨୦) ରୁଜୁ ହୋଇଥିଲା। ସେହିପରି ନଭେମ୍ବର ୨୧ ତାରିଖରେ ପଞ୍ଚଲିଙ୍ଗେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରୁ ୨ଟି ଏଲସିଡି ସହିତ ନଗଦ ଟଙ୍କା ଚୋରି କରିଥିବା ନେଇ ମାମଲା (ନଂ. ୩୮୫/୨୦) ରୁଜୁ ହୋଇଥିବା ନୀଳଗିରି ଥାନା ସବଇନ୍ସପେକ୍ଟର ଗଣେଶ ଚନ୍ଦ୍ର ତ୍ରିପାଠୀ ସୂଚନା ଦେଇଛନ୍ତି।

# ଯୋଗ ସଚେତନତା ଅଭିଯାନ



ସଭା ଶେଷରେ ଯୋଗ ପ୍ରଶିକ୍ଷଣ ଦିଆଯାଉଛି।

**ଖଇରା,୧୫।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଅମ୍ବିକା ମନ୍ଦିର ପରିସରରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଯୋଗ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁପାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ଭାରପ୍ରାପ୍ତ ଚିକିତ୍ସାଧିକାରିଣୀ ଡା ଅନୋଲା ଜଗଦେବ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଭାବେ ଜିଲା ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ ଅବସରରେ ଆଗାମୀ ଦିନରେ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ନିଶୁଳ୍କ ଯୋଗ ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ଭାବେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ପ୍ରଭାକର ମିଶ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଡିଓ ପର୍ଶୁରାମ ପଣ୍ଡା, ବିପିଏମ୍ ସୂର୍ଯ୍ୟକାନ୍ତ ବାରିକ, ଡାକ୍ତର ଜୟନ୍ତ କୁମାର ସାମଲ ଏବଂ ଅନ୍ୟତମ ଅତିଥି ଭାବେ ଯୋଗଶିକ୍ଷକ ସୀତାଂଶୁ ଶେଖର ବେହେରା, ଦିବ୍ୟରଞ୍ଜନ ମହାନ୍ତି, ଯଶୋବନ୍ତ ଶିଅଳ, କରୁଣାକର ଶିଅଳ, ଗୋବର୍ଦ୍ଧନ ସାହୁ, କୁଞ୍ଜ ରାଉତ, ଉମେଶ ଚନ୍ଦ୍ର ନାୟକ, ବୁଦ୍ଧିରାମ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ରୋଗରୁ ଉପଶମ ପାଇଁ ଯୋଗ ମୁଖ୍ୟ ମହୌଷଧି ବୋଲି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖଇରା ବ୍ଲକର ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ଅଂଶଗ୍ରହଣ କରିଥିଲେ।

## ସଂଗ୍ରାମୀ ମାୟାଧରଙ୍କ ୨୯ତମ ଶ୍ରାଦ୍ଧୋତ୍ସବ

**ଭଦ୍ରକ ଅଫିସ,୧୫।୧୨**

କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ ସଂଗ୍ରାମୀ ଚକ୍ରଧର ବେହେରାଙ୍କ ଅଙ୍ଗରକ୍ଷୀ ତଥା ସହଯୋଗୀ ସ୍ୱର୍ଗତ ସଂଗ୍ରାମୀ ମାୟାଧର ଦାସଙ୍କ ମଙ୍ଗଳବାର ୨୯ତମ ଶ୍ରାଦ୍ଧୋତ୍ସବ ଶହୀଦ ସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଇଂ ଅଭୟ ସୂତାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଫେକରର ପୂର୍ବତନ ଡିଜିଏମ୍ ଗଙ୍ଗାଧର ମଲ୍ଲିକ ଯୋଗ ଦେଇ ସଂଗ୍ରାମୀ ମାୟାଧରଙ୍କ ଜୀବନ ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅଧିବକ୍ତା ଗିରିଧାରୀ ନାଥ, ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ପୂର୍ବତନ ଜିଲା ଶିକ୍ଷା ମଣ୍ଡଳାଧୀଶ ରାମଚନ୍ଦ୍ର ବେହେରା, ପୂର୍ବତନ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ବିନ୍ଧାଣୀ, ଅଧିବକ୍ତା ଅଗଣି ଚରଣ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଖବରଦାତା ତଥା ମାୟାଧରଙ୍କ ପୁତ୍ର ବଂଶୀଧର ଦାସ ମଞ୍ଚ ଆମନ୍ତ୍ରଣ, ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## କୁଳିଅଣାରେ ହାତୀ ଉପଦ୍ରବ



**କୁଳିଅଣା, ୧୫।୧୨(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା କୁଳିଅଣା ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ୨୦ରୁ ଉର୍ଦ୍ଧ୍ୱ ହାତୀ ପାଡିହିଞ୍ଜା ଆଡୁ ପଶି ଆସିଥିଲେ। ବୁଢ଼ାବଳଙ୍ଗ ନଦୀ ପାର୍ ହୋଇ ହାତୀପଲ ନିକଟସ୍ଥ କାଜୁ ଜଙ୍ଗଲରେ ପଶି ଥିବାରୁ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ନଦୀ ପାର୍ଶ୍ୱରେ ଥିବା ଘନ ବେହେରାଙ୍କ ଧାନ ବିଲରେ ପଶି ଧାନ ଖାଇବା ସହିତ ନଷ୍ଟ କରିଛନ୍ତି। ବନ ବିଭାଗ ସେମାନଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରଖିଛି।

# ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଧାରଣା

**ବାସୁଦେବପୁର/ତିହିଡ଼ି/ଦୋବଲ/ବନ୍ତ,୧୫।୧୨(ଡି.ଏନ୍.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ଜିଲାର ସମସ୍ତ ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ମଙ୍ଗଳବାର ଧାରଣା, ଶୋଭାଯାତ୍ରା ତଥା ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

ବାସୁଦେବପୁର ଭାଜପା ଶାଖା ପକ୍ଷରୁ ଶତାଧିକ କର୍ମୀ ଶୋଭାଯାତ୍ରାରେ ଧାମରା ବସ୍‌ଷ୍ଟାଣ୍ଡରୋଡ଼ରୁ ବାହାରି ସହର ପରିକ୍ରମା କରି ବ୍ଲକ ପରିସରରେ ପହଞ୍ଚି ଧାରଣାରେ ବସିଥିଲେ। ଯୁବନେତା ଉଦୟ ନାରାୟଣ ମଲ୍ଲିକ, ଜିଲା ଭାଜପା ସଭାପତି ହେମନ୍ତ ପାଢ଼ୀ, ନାରୀନେତ୍ରୀ ହରପ୍ରିୟା ସାହୁ, ପୂର୍ବତନ ପୌରାଧକ୍ଷ ପଞ୍ଚାନନ ସେନାପତି, ବରିଷ୍ଠ ଭାଜପା ନେତା ମଧୁସୂଦନ ପାଢ଼ୀ ପ୍ରମୁଖ ସାମିଲ ଥିଲେ।

ତିହିଡ଼ି ବ୍ଲକ ସମ୍ମୁଖରେ ଆୟୋଜିତ ଗଣଧାରଣା ସଭାରେ ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ ଯୋଗ ଦେଇ ରାଜ୍ୟ ସରକାରଙ୍କ ଭଦ୍ରକ ଜିଲାବାସୀଙ୍କ ପ୍ରତି ବୈମାତୃକ ମନୋଭାବର ତୀବ୍ର ନିନ୍ଦା କରିଥିଲେ। ଅନ୍ୟମାନଙ୍କ ମଧରେ ମାଧବାନନ୍ଦ ମଲ୍ଲିକ, ରଘୁନାଥ ପାତ୍ର, ପ୍ରଦୀପ ବଳ, ଦୁର୍ଗାଚରଣ ନାୟକ, ପ୍ରତାପ ଜେନା, କେଶବ ବେହେରା, ସଂଗ୍ରାମ ମହାନ୍ତି, ମାନସ ନାୟକ, ତପନ ପାଢୀ, ଭରତ ସାହୁ, ସ୍ୱର୍ଣ୍ଣମୟୀ ଜେନା, ଝରଣା ଜେନା ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ।

ଧାମନଗର ତହସିଲ ସମ୍ମୁଖରେ ଭାଜପା ପକ୍ଷରୁ ପ୍ରତିବାଦ ସଭାରେ ବିଧାୟକ ବିଷ୍ଣୁ ସେଠୀ ଯୋଗ ଦେଇଥିଲେ। ଭାଜପା ଜିଲା ଉପସଭାପତି ଚର୍ତୁଭୁଜ ନାୟକଙ୍କ ସଭାପତିତ୍ୱରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଅଶୋକ କୁମାର ପୁହାଣ, ଜିଲା ପରିଷଦ ସଭ୍ୟ ସୁରଥ ସେଠୀ, ମନୋଜ କୁମାର ମଲ୍ଲିକ, ଭାଜପା ନେତା ଅରବିନ୍ଦ ପତି, ବିରେନ୍ଦ୍ର ଜେନା, ପ୍ରଫୁଲ୍ଲ ପାତ୍ର, ଅଜୟ ବଳ, ରମେଶ ପତି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ।

ସେହିପରି ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଭାଜପା ପକ୍ଷରୁ ଗଣଧାରଣା ଓ ପ୍ରତିବାଦ ସଭା ହୋଇଥିଲା। ଏଥିରେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ନେତା ବଦ୍ରୀ ନାରାୟଣ ଧଳ ଯୋଗଦେଇ ଭଦ୍ରକବାସୀଙ୍କୁ ରାଜ୍ୟ ସରକାର ନିରାଶ କରିଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ଭାଜପା ରାଜ୍ୟ ପରିଷଦ ସଭ୍ୟ ବନମାଳୀ ଜେନା, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶଙ୍କର୍ଷଣ ଜେନା, ଇଂ.ପ୍ରମୋଦ କୁମାର ଜେନା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ସାହୁ, ସରପଞ୍ଚ କିଶୋର କିଙ୍କର ପଡିଆରୀ, ଦେବେନ୍ଦ୍ର ଜେନା, ମନୋଜ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଦୀପ୍ତ ବିଶ୍ୱାଳ, ରାଜୀବ ଲୋଚନ ସାହୁ, ତାପସ ଖଣ୍ଡେଇ, ଖଗେଶ୍ୱର ବେହେରା, ନବ କିଶୋର ବଳ, ଜିତେନ ନାଥ, କୁଳମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ତିହିଡ଼ି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ପ୍ରତିବାଦ ସଭା।

# ବିଧାନସଭା ଘେରାଉ କରିବ କଂଗ୍ରେସ

**ଭଦ୍ରକ ଅଫିସ,୧୫।୧୨**

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ନ ହେଲେ ବିଧାନସଭା ଘେରାଉ କରିବ ବୋଲି ଜିଲା କଂଗ୍ରେସ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛି। ଗତ ୧୦ ତାରିଖ କଂଗ୍ରେସ ତରଫରୁ ଭଦ୍ରକ ମେଡିକାଲ କଲେଜ ପ୍ରତିଷ୍ଠା ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାର ସୁଧାର ପାଇଁ ଭଦ୍ରକ ସହର ବନ୍ଦ ଡାକରା ଦେଇଥିଲା। ଯାହାକୁ ସମସ୍ତ ମହଲରେ ବିପୁଳ ସମର୍ଥନ ମିଳିଥିଲା। ଯାହାକୁ ଓଡ଼ିଶା ରାଜ୍ୟ ସରକାର ଭ୍ରୂକ୍ଷେପ ନ କରି ଯାଜପୁର ଓ ପୁରୀରେ ମେଡିକାଲ କଲେଜ ପାଇଁ କ୍ୟାବିନେଟ ମଞ୍ଜୁର ଦେଇ ଅର୍ଥ ମଞ୍ଜୁର କଲେ। ଯାହା ଭଦ୍ରକର ଜନସାଧାରଣଙ୍କ ଭାବାବେଗକୁ କୁଠାରାଘାତ କରିଛି ବୋଲି ମଙ୍ଗଳବାର ଜିଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଜାନୁୟାରୀ ମାସ ଶେଷ ସୁଦ୍ଧା ଭଦ୍ରକ ଜିଲାରେ ଥିବା ସର୍ବମୋଟ ୬୩ଟି ସ୍ୱାସ୍ଥ୍ୟ ସଂସ୍ଥା ଆଗରେ କଂଗ୍ରେସ ପକ୍ଷରୁ ଏକା ସାଙ୍ଗରେ ଗଣଧରଣା ଓ ପ୍ରତିବାଦ ସଭା କରାଯିବ। ସମଗ୍ର ଜିଲାର ୫ ଗୋଟି ବିଧାନସଭା କ୍ଷେତ୍ରରେ ସ୍ୱାସ୍ଥ୍ୟରଥ ପରିକ୍ରମା ସାଙ୍ଗକୁ ସ୍ୱାକ୍ଷର ଅଭିଯାନ ସଂଗ୍ରହ କରାଯିବ ବୋଲି ସମ୍ମିଳନୀରେ ଜିଲା ସଭାପତି ସୁବ୍ରତ କୁମାର ଦାସ ସୂଚନା ଦେଇଛନ୍ତି। ଜିଲାରେ ଡାକ୍ତର ଓ ଅନ୍ୟାନ୍ୟ ପଦବୀ ଫାଙ୍କା ପଡ଼ିଥିବା ସମେତ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡ଼ିଥିବା ଜିଲା ସଭାପତି ଦାସ କହିଥିଲେ। ଶେଷରେ ଜିଲା କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାନସଭା ନେତା ଅଶୋକ ଦାସ, ଦିଗମ୍ବର ଦାସ, ବିଦ୍ୟାଧର ଜେନା, ବରିଷ୍ଠ ନେତା ଅବଦୁଲ ମୁକିତ୍ ଖାଁ ଉପସ୍ଥିତ ଥିଲେ।

